# ଗ୍ରାମୀଣ କୃଷି ମୌସମ ସେବା

## ଭାରତ ପାଣିପାଗ ବିଭାଗ

## ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

## ଆଞ୍ଚଳିକ ଗବେଷଣା ଓ ବୈଷୟିକ ପ୍ରସାରଣ କେନ୍ଦ୍ର,ଚିପିଲିମା

ସଂଖ୍ୟା – ୫୭ (ଓଡ଼ିଆ ବୁଲେଟିନ) ସପ୍ତାହ – ୨୯ ତାରିଖ: ୧୭.୦୭.୨୦୨୬

## ପଶ୍ଚିମ କେନ୍ଦ୍ରୀୟ ମାଳଭୂମି ଅଞ୍ଚଳ

## ଜିଲ୍ଲା – ବରଗଡ଼

ପର୍ଯ୍ୟବେକ୍ଷଣ କେନ୍ଦ୍ରରେ ୧୧.୦୭.୨୦୨୬ ରୁ ୧୭.୦୭.୨୦୨୬ ମଧ୍ୟରେ ରେକର୍ଡ କରାଯାଇଥିବା ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରା ଏବଂ ଜିଲ୍ଲାର ହାରାହାରି ବର୍ଷାପାତ

| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେ.) | | | | | | | ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେ.) | | | | | | | ବୃଷ୍ଟିପାତ (ମିଲି ମିଟର) | | | | | | |
|---|---|---|---|---|---|---|---|---|---|---|---|---|---|---|---|---|---|---|---|---|
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| 31 | 33 | 33 | 35 | 34 | 33 | 28 | 25 | 25 | 24 | 25 | 24 | 22 | 23 | 0 | 2 | 0 | 0 | 21 | 37 | 72 |

## ଆସନ୍ତା ପାଞ୍ଚ ଦିନର ପାଣିପାଗ ପୂର୍ବାନୁମାନ

| ପାଣିପାଗ କାରକ | ୧୮-୦୭-୨୦୨୬ | ୧୯-୦୭-୨୦୨୬ | ୨୦-୦୭-୨୦୨୬ | ୨୧-୦୭-୨୦୨୬ | ୨୨-୦୭-୨୦୨୬ |
|---|---|---|---|---|---|
| ବୃଷ୍ଟିପାତ (ମିଲି ମିଟର) | 50 | 23 | 15 | 10 | 10 |
| ସର୍ବାଧିକ ତାପମାତ୍ରା (º ସେଣ୍ଟିଗ୍ରେଡ) | 29 | 29 | 30 | 30 | 30 |
| ସର୍ବନିମ୍ନ ତାପମାତ୍ରା (º ସେଣ୍ଟିଗ୍ରେଡ) | 23 | 23 | 24 | 24 | 24 |
| ମେଘ ଆବରଣ(ଓକଟା) | 8 | 8 | 8 | 8 | 8 |
| ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 91 | 93 | 93 | 92 | 91 |
| ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 72 | 66 | 76 | 76 | 77 |
| ପବନର ବେଗ (କିମି/ଘଣ୍ଟା ପ୍ରତି) | 13 | 16 | 14 | 12 | 11 |
| ପବନର ଦିଗ (ଡିଗ୍ରୀ) | 251 | 269 | 266 | 253 | 256 |

ଅଧିକ ଜାଣିବା ପାଇଁ, ଭାରତୀୟ ପାଣିପାଗ ବିଭାଗ, ଭୁବନେଶ୍ୱର, ଟେଲିଫୋନ# ୦୬୭୪-୨୫୯୬୧୧୬ରେ ଯୋଗାଯୋଗ କରନ୍ତୁ

## ପାଣିପାଗ ସାରାଂଶ/ସତର୍କ ସୂଚନା :

ଭାରତ ପାଣିପାଗ ବିଜ୍ଞାନ ବିଭାଗ, ମୌସମ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱରର ମଧ୍ୟମ ଅବଧି ପୂର୍ବାନୁମାନ ଅନୁଯାୟୀ, ଆସନ୍ତା ସପ୍ତାହରେ ହାଲୁକା ରୁ ମଧ୍ୟମ ବର୍ଷା ହେବା ସହିତ ଗୋଟେ କିମ୍ବା ଦୁଇଟା ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଅଛି ଏବଂ ଏହି ସମୟ ଅବଧିରେ ଆକାଶ ସମ୍ପୂର୍ଣ ମେଘାଛନ୍ନ ରହିପାରେ। ଆଗାମୀ ସପ୍ତାହରେ ଉଭୟ ସର୍ବାଧିକ ଓ ସର୍ବନିମ୍ନ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ଦେଖିବାକୁ ମିଳିବ ନାହିଁ । ଆସନ୍ତା ୫ ଦିନ ମଧ୍ୟରେ ଆର୍ଦ୍ରତାର ସ୍ଥିତି ଅଧିକ ରହିବା ସହିତ ୧୧ ରୁ ୧୬ କି.ମି. ପ୍ରତି ଘଣ୍ଟା ବେଗରେ ଦକ୍ଷିଣ-ପଶ୍ଚିମ ଦିଗରୁ ପବନ ବହିବାର ସମ୍ଭାବନା ବନିପାରେ ।

## ସାଧାରଣ ଉପଦେଶ

- ମୌସମ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱରର ବିସ୍ତାରିତ ପାଣିପାଗ ପୂର୍ବାନୁମାନ ଅନୁଯାୟୀ, ପ୍ରଥମ ସପ୍ତାହ (୧୭-୨୩ ଜୁଲାଇ, ୨୦୨୬) ମଧ୍ୟରେ କିଛି ସ୍ଥାନ ରୁ ନେଇକି ଅନେକ ସ୍ଥାନରେ ହାଲୁକା ରୁ ମଧ୍ୟମ ବର୍ଷା ସହିତ ଗୋଟେ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ଏବଂ ଦ୍ଵିତୀୟ ସପ୍ତାହ (୨୪-୩୦ ଜୁଲାଇ, ୨୦୨୬) ମଧ୍ୟରେ କିଛି ସ୍ଥାନରେ ହାଲୁକା ରୁ ମଧ୍ୟମ ବର୍ଷା ହେବାର ସମ୍ଭାବନା ରହିଅଛି, ତେଣୁ ଚାଷୀଭାଇମାନଙ୍କୁ ସେହି ଅନୁସାରେ କୃଷି କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଅଛି ।
- ମୂଳ ପଚା, ଫଳ ପଚା, କାଣ୍ଡ ପଚା ଇତ୍ୟାଦି ଭଳି ବିଭିନ୍ନ ରୋଗ ଏବଂ ପ୍ରଚଳିତ ପାଗର ସ୍ଥିତି ଯୋଗୁଁ ଶୋଷକ କୀଟମାନଙ୍କ ଆକ୍ରମଣ ବିରୁଦ୍ଧରେ ନିୟମିତ ଭାବରେ ସେମାନଙ୍କ କ୍ଷେତକୁ ତଦାରଖ କରିବାକୁ ପରାମର୍ଶ ଦିଆଯାଇଅଛି ।
- ଚାଷୀମାନଙ୍କୁ କ୍ଷେତରୁ ଅତିରିକ୍ତ ପାଣି ନିଷ୍କାସନ କରି କ୍ଷେତ ପ୍ରସ୍ତୁତି/ ବିହନ ବୁଣିବା କାର୍ଯ୍ୟ ଆରମ୍ଭ କରିଦେବାକୁ ପରାମର୍ଶ ଦିଆଯାଇଅଛି ।
- ଫଳ ଓ ପନିପରିବା କ୍ଷେତରୁ ଅତିରିକ୍ତ ବର୍ଷା ପାଣି ନିଷ୍କାସନ କରିବା ପାଇଁ ଉପଯୁକ୍ତ ଜଳ ନିଷ୍କାସନ ସୁବିଧା ସୁନିଶ୍ଚିତ କରନ୍ତୁ ।
- ଅତିରିକ୍ତ ବର୍ଷାଜଳ ସଂରକ୍ଷଣ କରିବାର ଉଚିତ ବ୍ୟବସ୍ଥା କରନ୍ତୁ ଯେପରିକି ତାହା ଭବିଷ୍ୟତରେ ବର୍ଷା ନ ହେବା ସମୟରେ ବ୍ୟବହାର ହୋଇପାରିବ ।
- ପ୍ରଚଳିତ ବର୍ଷା ଯୋଗୁଁ, ପଶୁମାନଙ୍କ କ୍ଷେତ୍ରରେ ବିଭିନ୍ନ ରୋଗ ଆକ୍ରମଣର ଲକ୍ଷଣ ଦେଖାଯାଇପାରେ, ତେଣୁ ଏହା ପ୍ରତି ସତର୍କ ରୁହନ୍ତୁ ଏବଂ ଆବଶ୍ୟକ ହେଲେ ନିକଟସ୍ଥ

| |
|---|
| ପଶୁ ସ୍ୱାସ୍ଥ୍ୟ କେନ୍ଦ୍ର ସହିତ ଯୋଗାଯୋଗ କରନ୍ତୁ । |

## ସଂକ୍ଷିପ୍ତ ଉପଦେଶ

- ଆଗାମୀ ଦିନରେ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ଚାଷୀମାନଙ୍କୁ ଯେକୌଣସି ପ୍ରକାରର କୃଷି କାର୍ଯ୍ୟ ପାଇଁ କିଛି ଦିନ ଅପେକ୍ଷା କରିବାକୁ ପରାମର୍ଶ ଦିଆଯାଇଅଛି ।

## ପାଣିପାଗ ଭିତ୍ତିକ କୃଷିଏବଂ ପଶୁପାଳନ ଉପଦେଶ

| ଫସଲର ନାମ | ଫସଲ ଅବସ୍ଥା | କୃଷି ଏବଂ ପଶୁପାଳନ ପାଇଁ ପାଣିପାଗ ଭିତ୍ତିକ ପରାମର୍ଶ |
|---|---|---|
| ବର୍ଷା ଦିନିଆ (ଖରିଫ) ଧାନ | ବିହନ ବୁଣିବା ଅବସ୍ଥା / ମୁଖ୍ୟ ଜମି ପ୍ରସ୍ତୁତି / ରୋପଣ | • ଗୋଟେ ଏକର ଜମିରେ ରୋପଣ ପାଇଁ ପ୍ରାୟ ୩୨୦ ବର୍ଗ ମିଟର କ୍ଷେତ୍ରଫଳ ବିଶିଷ୍ଟ ନର୍ସରୀ ତଳି ଘରା ଆବଶ୍ୟକ ହୋଇଥାଏ । ୧୦ ସେମି ଉଚ୍ଚ, ୧.୨ ରୁ ୧.୫ ମିଟର ଚଉଡା ଏବଂ ସୁବିଧାଜନକ ଲମ୍ବ ବିଶିଷ୍ଟ ଓଦା ନର୍ସରୀ ପ୍ରସ୍ତୁତ କରନ୍ତୁ । ଦୁଇଟି ବେଡ୍ ମଧ୍ୟରେ ୩୦ ରୁ ୪୫ ସେମି ଚଉଡାର ଭଲ ଭାବରେ ଜଳସେଚନ/ନିଷ୍କାସନ ପଥ ରଖିବା ଆବଶ୍ୟକ ।<br>• ନର୍ସରୀ ବୁଣା ପାଇଁ ଭଲ ଅମଳ ଦେଉଥିବା କିସମ ପାଇଁ ଏକର ପ୍ରତି ୧୨-୧୬ କିଲୋଗ୍ରାମ ବିହନ ଏବଂ ହାଇବ୍ରିଡ୍ ପାଇଁ ୫-୬ କିଲୋଗ୍ରାମ ବିହନ ବ୍ୟବହାର କରନ୍ତୁ । କମ୍ ଉର୍ବର ଜମିରେ ଜମି ପ୍ରସ୍ତୁତି ସମୟରେ ଓଦା ନର୍ସରୀରେ ନାଇଟ୍ରୋଜେନ୍, ଫସଫରସ୍ ଏବଂ ପଟାସ ସାର ଯଥାକ୍ରମେ ୬-୩-୩ ଗ୍ରାମ ପ୍ରୟୋଗ କରନ୍ତୁ ।<br>• ମୁଖ୍ୟ କ୍ଷେତ ଜମି ପ୍ରସ୍ତୁତି ପାଇଁ ୭-୧୦ ଦିନ ବ୍ୟବଧାନରେ କ୍ଷେତକୁ ଦୁଇଥର କାଦୁଅ କରି ଏବଂ ଫସଲର ସମାନ ବୃଦ୍ଧି ପାଇଁ ଜମି ସମତଳ କରାଯିବା ଉଚିତ । ପ୍ରଥମ କାଦୁଅ କରିବା ପୂର୍ବରୁ ଭଲ ଭାବରେ ପଚିଯାଇଥିବା ଗୋବର ଖତ ଖେତରେ ପ୍ରୟୋଗ କରାଯିବା ଉଚିତ ।<br>• ଉଚ୍ଚ ଅମଳକ୍ଷମ କିସମ ପାଇଁ ଶେଷ କାଦୁଅ କରିବା ସମୟରେ ଏକର ପ୍ରତି ୩୫ କିଲୋଗ୍ରାମ DAP + ୨୭ କିଲୋଗ୍ରାମ MOP କିମ୍ବା ୧୮ କିଲୋଗ୍ରାମ ୟୁରିଆ + ୧୦୦ କିଲୋଗ୍ରାମ SSP + ୨୭ କିଲୋଗ୍ରାମ MOP ପ୍ରୟୋଗ କରନ୍ତୁ ।<br>• ୨୫-୩୦ ଦିନ ପୁରୁଣା ଚାରାଗୁଡ଼ିକୁ କମ ଗଭୀରତାରେ ୨୦x୧୫ ସେମି ବ୍ୟବଧାନରେ ରୋପଣ କରନ୍ତୁ । ଉଚ୍ଚ ଅମଳକ୍ଷମ କିସମ ପାଇଁ ପ୍ରତି ପାହାଡ଼ରେ କେବଳ ୨-୩ ଟି ଚାରା ଏବଂ ହାଇବ୍ରିଡ୍ ପାଇଁ ୧-୨ ଟି ଚାରା ବ୍ୟବହାର କରନ୍ତୁ । |
| ମକା | ବୁଣିବା/ ଅଙ୍ଗିୟ ଅବସ୍ଥା | • ପୂର୍ବ ଓ ଆଗାମୀ ବର୍ଷାକୁ ଦୃଷ୍ଟିରେ ରଖି, ଯେଉଁ ଚାଷୀଭାଇମାନେ ଏପର୍ଯ୍ୟନ୍ତ ମକା ବିହନ ବୁଣା କାର୍ଯ୍ୟ ଆରମ୍ଭ କରିନାହାଁନ୍ତି, ସେମାନଙ୍କୁ ମାଟିରେ ଉପଯୁକ୍ତ ଆର୍ଦ୍ରତା ରଖି ଅତ୍ୟଧିକ ପାଣି ନିଷ୍କାସନ କରି ବୁଣା କାର୍ଯ୍ୟ ଆରମ୍ଭ କରିଦେବାକୁ ପରାମର୍ଶ ଦିଆଯାଉଛି ।<br>• ଚାଷୀଭାଇମାନେ କୌଣସି ପ୍ରକାରର ଆନ୍ତଃକୃଷି କାର୍ଯ୍ୟ ଯେପରିକି ଘାସ କାଟିବା, କୋଡା ଖୋସା, ମାଟି ଉଠେଇବା ଇତ୍ୟାଦି କରିବା ପାଇଁ କିଛି ଦିନ ଅପେକ୍ଷା କରିବା ଉଚିତ କାରଣ ଆଗାମୀ ଦିନରେ ମଧ କିଛି ମାତ୍ରାର ବର୍ଷା ହେବାର ସମ୍ଭାବନା ଅହିଅଛି । |
| ହରଡ଼ | ବୁଣିବା ଅବସ୍ଥା | • ହରଡ଼ରେ ମାଟି ଏବଂ ବିହନ ବାହିତ ରୋଗ ନିୟନ୍ତ୍ରଣ ପାଇଁ, ଫସଲ ବୁଣିବା ପୂର୍ବରୁ ଯେକୌଣସି ଉପଯୁକ୍ତ କବକନାଶକ ସହିତ ବିହନ ବିଶୋଧନ କରିବା ଉଚିତ ଏବଂ ରାଇଜୋବିୟମ୍ କଲଚର @ ୨୦ ଗ୍ରାମ ପ୍ରତି କିଲୋଗ୍ରାମ ବିହନ ସହିତ ଏବଂ ତା'ପରେ ଟ୍ରାଇକୋଡର୍ମା ଭିରିଡେ ୫ ରୁ ୭ ଗ୍ରାମ / କିଲୋଗ୍ରାମ ବିହନ ସହିତ ବୁଣିବାର କିଛି ଘଣ୍ଟା ପୂର୍ବରୁ ବିଶୋଧନ କରିଯିବା ଉଚିତ ।<br>• ଘାସ ପରିଚାଳନା: ବୁଣିବାର ୭୨ ଘଣ୍ଟା ମଧ୍ୟରେ ୧ ଲିଟର ପେଣ୍ଡିମିଥାଲିନ୍ ୩୦% ଇସିକୁ ପ୍ରତି ଏକର ହିସାବରେ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।<br>• କୌଣସି ପ୍ରକାରର ସିଂଚନ କାର୍ଯ୍ୟ ସଫା ପାଗ ଦେଖିକି ହିଁ କରନ୍ତୁ । |
| କଖାରୁ ଜାତୀୟ ଫସଲ | ଫୁଲ ଓ ଫଳ ଅବସ୍ଥା | • ମୂଳ ଚାରିପାଖରେ ପାଣି ଜମି ରହିବାକୁ ଦିଅନ୍ତୁ ନାହିଁ ଏବଂ କ୍ଷେତରେ ଉପଯୁକ୍ତ ଜଳ ନିଷ୍କାସନ ସୁନିଶ୍ଚିତ କରନ୍ତୁ ।<br>• ଫଳ ପଚିବା ଏବଂ ପୋକ ଲାଗିବା ରୋକିବା ପାଇଁ ଲତାକୁ ଓଦା ଭୂମିରୁ ଦୂରେଇ ରଖିବା ପାଇଁ ବାଉଁଶ କିମ୍ବା ତାର ଟ୍ରେଲିଜ୍ ଯୋଗାଇ ଦିଅନ୍ତୁ ।<br>• ପ୍ରଚଳିତ ପାଗ ଯୋଗୁଁ ପରିବା ଖେତରେ ବିଭିନ୍ନ କବକଜନିତ ରୋଗ ଆକ୍ରମଣ ହେବାର ସମ୍ଭାବନା ଦେଖାଦେଇପାରେ ତେଣୁ ଏହାର ନିୟମିତ ତଦାରଖ କରନ୍ତୁ । |

| | | |
|---|---|---|
| ବାଇଗଣ, ଟମାଟୋ, ଲଂକା | ନର୍ସରୀ ବୁଣା / ଚାରା ଅବସ୍ଥା / ରୋପଣ/ ଅଂଗିୟ/ ଫୁଲ ଓ ଫଳ ଅବସ୍ଥା | • ଠିଆ ଫସଲ କ୍ଷେତରେ ଅତିରିକ୍ତ ବର୍ଷା ଜଳ ନିଷ୍କାସନର ଉଚିତ ବ୍ୟବସ୍ଥା କରନ୍ତୁ ।<br>• ଚାଷୀଭାଇମାନଙ୍କୁ ବିହନ ବୁଣିବା, ରୋପଣ କରିବା ଏବଂ ଅନ୍ତଃକୃଷି କାର୍ଯ୍ୟ ସତର୍କତାର ସହିତ କରିବାକୁ ତଥା ପନିପରିବାଗୁଡ଼ିକୁ ଯାନ୍ତ୍ରିକ ସହାୟତା ପ୍ରଦାନ ଯୋଗାଇବାକୁ ପରାମର୍ଶ ଦିଆଯାଇଅଛି କାରଣ ଆସନ୍ତା ଦିନରେ ବର୍ଷା ସହିତ ପ୍ରବଳ ପବନ ବହିବାର ମଧ୍ୟ ସମ୍ଭାବନା ଦେଖାଦେଇପାରେ ।<br>• ପ୍ରଚଳିତ ପାଣିପାଗ ଯୋଗୁଁ ପରିବା ଖେତରେ ବିଭିନ୍ନ ରୋଗ ଓ ପୋକ ଗୁଡ଼ିକର ଆକ୍ରମଣ ବୃଦ୍ଧି ପାଇପାରେ ତେଣୁ ଏହାର ନିୟମିତ ନିରୀକ୍ଷଣ କରୁଥାନ୍ତୁ । |
| ଭେଣ୍ଡି | ଫୁଲ ଓ ଫଳ ଅବସ୍ଥା | • ଭେଣ୍ଡି ଗଛ ମୂଳରେ ପାଣି ଜମି ରହିବାକୁ ସହ୍ୟ କରିପାରେ ନାହିଁ, ତେଣୁ ଚାଷୀମାନେ ଅଧିକ ପାଣି ଜମା ହେଲେ ଏହାର ଶୀଘ୍ର ନିଷ୍କାସନ କରିବା ପାଇଁ କ୍ଷେତ ଚାରିପାଖରେ ଉଚ୍ଚ ବେଡ୍ କିମ୍ବା ଗଭୀର ଜଳ ନିଷ୍କାସନ ନାଳ ନିର୍ମାଣ କରିବା ଉଚିତ ।<br>• ବର୍ତ୍ତମାନର ପାଗର ଯେଉଁ ପରିସ୍ଥିତି ରହିଅଛି ତାହା ଭେଣ୍ଡି ଗଛରେ ଶୋଷକ କୀଟ ଏବଂ ଫଳ ଓ କାଣ୍ଡ ବିନ୍ଧାକାରୀ ପୋକର ଆକ୍ରମଣ ପାଇଁ ଅନୁକୂଳ ଅଟେ, ତେଣୁ ଏହାର ନିୟମିତ ତଦାରଖ କରିବାକୁ ପରାମର୍ଶ ଦିଆଯାଇଅଛି । |
| ପଶୁ ପାଳନ | • ପ୍ରଚଳିତ ପାଣିପାଗ ଯୋଗୁଁ ଅନେକ ପ୍ରକାରର ସଂକ୍ରାମକ ପଶୁ ରୋଗ ଯେପରିକି ସାହାଣ, ବଜବଜିଆ, ଫାଟୁଆ ଆଦି ରୋଗମାନଙ୍କର ସଂକ୍ରମଣ ଏବଂ ମଶା, ମାଛି ଓ ବିଭିନ୍ନ ଅଣୁଜୀବଙ୍କ ସଂଖ୍ୟା ବୃଦ୍ଧି ପାଇପାରେ, ତେଣୁ ଏହା ପ୍ରତି ସତର୍କ ରୁହନ୍ତୁ ଏବଂ ଯଥାଶୀଘ୍ର ଏହି ରୋଗମାନଙ୍କ ପାଇଁ ଟୀକାକରଣର ବ୍ୟବସ୍ଥା କରନ୍ତୁ ଓ ଆବଶ୍ୟକ ସ୍ଥଳେ କୃମିନାଶକ ଔଷଧର ସେବନ ନିଶ୍ଚୟ କରାନ୍ତୁ । ଗୁହାଳର ଆଖପାଖ ସ୍ଥାନରୁ ଅଧିକ ବର୍ଷା ପାଣି ନିଷ୍କାସନର ବ୍ୟବସ୍ଥା କରନ୍ତୁ। | |



| | |
|---|---|
| **Mrs. Jubuli Sahu**<br>**Junior Agrometeorologist,**<br>**AMFU, RRTTS, Chiplima** | **Dr. Sanjukta Mohapatra**<br>**ADR cum Nodal Officer**<br>**RRTTS, Chiplima** |



---

- କୃଷି ରେ ଉତ୍ତମ ଲାଭ ପାଇଁ, **OUAT KALINGA** ପ୍ରଡକ୍ଟସ (ବିହନ, ଚାରା ରୋପଣ ଓ କ୍ୟୁପିଏମ୍, ଟିସୁ କଲଚର ପ୍ଲାଣ୍ଟ, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, ଫିଙ୍ଗରଲିଙ୍ଗ୍/ଇୟରଲିଙ୍ଗ୍, କୁକୁଡ଼ା ଛୁଆ, ମହୁମାଛି ଓ ହ୍ୱୋନ୍, ଜୈବ ସାର, ଜୈବ କୀଟନାଶକ, ଜିଆ ଏବଂ ଜିଆ ଖତ ଇତ୍ୟାଦି) ବ୍ୟବହାର କରନ୍ତୁ।
- ଭାରତ ପାଣିପାଗ ବିଭାଗର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶଦାତା ପାଇଁ ମେଘଦୂତ ମୋବାଇଲ ଆପ (https://play.gooogle.com/store/apps/details?id=com.aas.meghdoot) ତଥା ନିଜ ଅଞ୍ଚଳର ବିଜୁଳି କିମ୍ବା ବଜ୍ରପାତ ପୂର୍ବାନୁମାନ ପାଇଁ ଦାମିନୀ ଆପ (https://play.google.com/store/apps/details?id=com.lightening.live.damini) ଓ ସ୍ଥାନ ନିର୍ଦ୍ଧିଷ୍ଟ ପୂର୍ବାନୁମାନ ଏବଂ ଚେତାବନୀ ପାଇଁ **ମୌସମ ଆପର ବ୍ୟବହାର** କରିପାରିବେ।